بسم الله الرحمن الرحيم

**ଖୁତବା ଜୁମା ୨୬ଜୁନ୍ ୨୦୨୦ର ସାରାଂଶ**

**ସ୍ଥାନ-ମସ୍‌ଜିଦ୍ ମୁବାରକ, ଇସଲାମାବାଦ୍, ବ୍ରିଟେନ୍**

## *ଆଁହଜ଼ରତ୍ ସ.ଅଙ୍କ ସର୍ବୋଚ୍ଚ ତଥା ପଦମର୍ଯ୍ୟାଦା ସମ୍ପନ୍ନ ବଦରୀ ସାହାବୀ ହଜ଼ରତ୍ ଅବଦୁର୍ ରହମାନ୍ ବିନ୍ ଔଫ୍ ର.ଅଙ୍କ ପ୍ରଶଂସନୀୟ ଗୁଣାବଳୀର ବିଶ୍ୱାସବର୍ଦ୍ଧକ ଏବଂ ମନମୁଗ୍ଧକର ଚର୍ଚ୍ଚା।*

ତଶହୁଦ୍, ତଉଜ୍ ଏବଂ ସୁରଃ ଫାତିହାର ଆବୃତ୍ତି ଅନ୍ତେ ହୁଜୁର ଅନୱର୍ ଅୟେଦହୁଲ୍ଲାଃହୁ ତାଆଲା ବିନସ୍ରେହିଲ୍ ଅଜ଼ିଜ୍ କହିଲେ: ଗତ ଖୁତ୍‌ବାରେ ମୁଁ ହଜ଼ରତ୍ ଅବ୍‌ଦୁର୍ ରହମାନ୍ ବିନ୍ ଔଫ୍ ର.ଅଙ୍କର ଚର୍ଚ୍ଚା କରୁଥିଲି ଏବଂ ଏହାର ଅବଶିଷ୍ଟାଂଶ ବାକି ରହିଯାଇଥିଲା ଯାହାକୁ ମୁଁ ଆଜି ବର୍ଣ୍ଣନା କରିବି । ହଜ଼ରତ୍ ଅବ୍‌ଦୁର୍ ରହମାନ୍ ବିନ୍ ଔଫ୍ ର.ଅ ମହାଦାନୀ ଯୋଗୁଁ ବିଖ୍ୟାତ ଥିଲେ ଏବଂ ଅନେକ ଆର୍ଥିକ ତ୍ୟାଗ ମଧ୍ୟ କରିଥିଲେ । ଏକ ବର୍ଣ୍ଣନାରେ ଉଲ୍ଲେଖ ରହିଛି ଯେ, ହଜ଼ରତ୍ ଅବ୍‌ଦୁର୍ ରହମାନ୍ ବିନ୍ ଔଫ୍ ର.ଅ ଏହି ୱସିୟତ୍ କରିଥିଲେ ଯେ, ବଦର୍ ଯୁଦ୍ଧରେ ଅଂଶଗ୍ରହଣ କରିଥିବା ପ୍ରତ୍ୟେକ ବ୍ୟକ୍ତିକୁ ନିଜ ସମ୍ପତ୍ତିରୁ ୪୦୦ ଦିନାର୍ ଲେଖାଏଁ ପ୍ରଦାନ କରିବ । ସୁତରାଂ ତାଙ୍କର ଏହି ୱସିୟତ୍ ଅନୁଯାୟୀ କରାଯାଇଥିଲା । ସେତେବେଳେ ସେହି ସାହାବାମାନଙ୍କର ସଂଖ୍ୟା ପ୍ରାୟ ୧୦୦ ଥିଲା । ଆଁହଜ଼ରତ୍ ସ.ଅ ଯେତେବେଳେ ସାହାବାମାନଙ୍କୁ ତବୁକ୍ ଯୁଦ୍ଧର ପ୍ରସ୍ତୁତି ନିମନ୍ତେ ଆଦେଶ ଦେଲେ ସେତେବେଳେ ଆଁହଜ଼ରତ୍ ସ.ଅ ଧନୀକ ବ୍ୟକ୍ତିଙ୍କୁ ଅଲ୍ଲାଃତାଲାଙ୍କ ମାର୍ଗରେ ଅର୍ଥ ଏବଂ ବାହାନ ବଳିଦାନ କରିବା ପାଇଁ ଆହ୍ୱାନ ଦେଇଥିଲେ । ଆଁହଜ଼ରତ୍ ସ.ଅଙ୍କ ଆହ୍ୱାନକ୍ରମେ ହଜ଼ରତ୍ ଅବ୍‌ଦୁର୍ ରହମାନ୍ ବିନ୍ ଔଫ୍ ର.ଅ ୧୦୦ ଔକିୟା (ଆରବ ଦେଶର ମୁଦ୍ରା) ଦେଇଥିଲେ । ହୁଜୁର୍ ସ.ଅ କହିଲେ ଯେ, ଉସ୍‌ମାନ୍ ବିନ୍ ଅଫ୍‌ଫାନ୍ ଏବଂ ଅବ୍‌ଦୁର୍ ରହମାନ୍ ବିନ୍ ଔଫ୍ ର.ଅ ଭୂପୃଷ୍ଠରେ ଅଲ୍ଲାଃତାଲାଙ୍କ ରାଜକୋଷ ମଧ୍ୟରୁ ଦୁଇଟି ରୋଜକୋଷ ଅଟନ୍ତି, ଯେଉଁମାନେ ଅଲ୍ଲାଃତାଲାଙ୍କର ଅନୁଗ୍ରହ ଲାଭ କରିବା ପାଇଁ ଅର୍ଥ ଖର୍ଚ୍ଚ କରନ୍ତି ।

ହଜ଼ରତ୍ ଅବ୍‌ଦୁର୍ ରହମାନ୍ ବିନ୍ ଔଫ୍ ର.ଅ ହଜ଼ରତ୍ ଉସ୍‌ମାନ୍ ର.ଅଙ୍କ ଠାରୁ ୪୦,୦୦୦ ଦିନାର୍ ବଦଳରେ ଏକ ଜମି କିଣିଥିଲେ ଏବଂ ବନୁ ଜୁହ୍‌ରାର ଦୀନ ଦରିଦ୍ର ବ୍ୟକ୍ତି ଏବଂ ଅଭାବି ବ୍ୟକ୍ତି ଏବଂ ଉମ୍ମୁହାତୁଲ୍ ମୁମିନିନ୍‌ଙ୍କ ମଧ୍ୟରେ ବାଣ୍ଟି ଦେଇଥିଲେ । ମସୁର୍ ବିନ୍ ମଖଜୁମା କହନ୍ତି ଯେ, ଯେତେବେଳେ ମୁଁ ହଜ଼ରତ୍ ଆଏଶା ର.ଅଙ୍କୁ ଉକ୍ତ ଜମିରୁ ତାଙ୍କର ଭାଗ ପ୍ରଦାନ କଲି ସେତେବେଳେ ହଜ଼ରତ୍ ଆଏଶା ର.ଅ ପଚାରିଲେ ଯେ, ଏହା କେଉଁ ସଜ୍ଜନ ବ୍ୟକ୍ତି ଦେଇଛନ୍ତି ? ମୁଁ କହିଲି ଅବ୍‌ଦୁର୍ ରହମାନ୍ ବିନ୍ ଔଫ୍ । ପୁନଶ୍ଚ ହଜ଼ରତ୍ ଆଏଶା ର.ଅ କହିଲେ ରସୁଲ୍ ସ.ଅ କହୁଥିଲେ ଯେ, ମୋ ପରେ ତୁମ ସହିତ ସେହି ବ୍ୟକ୍ତି ହିଁ ସଦ୍‌ବ୍ୟବହାର ପ୍ରଦର୍ଶନ କରିବ ଯିଏକି ଅତ୍ୟନ୍ତ ଧୈର୍ଯ୍ୟଶୀଳ ହୋଇଥିବା । ପୁନଶ୍ଚ ହଜ଼ରତ୍ ଆଏଶା ର.ଅ ତାଙ୍କ ପାଇଁ ପ୍ରାର୍ଥନା କଲେ ଯେ, ହେ ଅଲ୍ଲାଃ ଅବ୍‌ଦୁର୍ ରହମାନ୍ ବିନ୍ ଔଫ୍‌ଙ୍କୁ ବୈକୁଣ୍ଠର ଝରଣାରୁ ସଲ୍‌ସବିଲ୍ (ଏହା କୁରାନୀୟ ଉପମା ଏହାର ତାତ୍ପର୍ଯ୍ୟ ଶୁଣ୍ଠି ମିଶ୍ରିତ ପାନୀୟ) ପାନ କରାଇବେ ।

ଏକଦା ମଦିନାରେ ଖାଦ୍ୟଶସ୍ୟର ଦୁର୍ଭିକ୍ଷ ଦେଖାଦେଲା । ସେହି ସମୟରେ ସିରିୟାରୁ ୭୦୦ ଓଟ ବିଶିଷ୍ଟ ଗହମ ଏବଂ ଖାଦ୍ୟ ସାମଗ୍ରୀର ଯାତ୍ରୀ ଦଳ ଆସି ପହଞ୍ଚିଲା । ଏହି ଖବର ଅଗ୍ନି ପରି ମଦିନାର

ଚାରିଆଡ଼େ କୋଳାହଳ ପରିବେଶ ସୃଷ୍ଟି କରିଥିଲା । ହଜ଼ରତ୍ ଆଏଶା ର.ଅ ପଚାରିଲେ ଯେ, ଏତେ କୋଳାହଳ କାହିଁକି ? କୁହାଗଲା ଯେ, ହଜ଼ରତ୍ ଅବ୍ଦୁର୍ ରହମାନ୍ ବିନ୍ ଔଫ୍ ର.ଅଙ୍କ ୭୦୦ ଓଟ ବିଶିଷ୍ଟ ଏକ ଯାତ୍ରୀଦଳ ଆସିଛି । ଉମ୍ମୁଲ୍ ମୁମିନିନ୍ ହଜ଼ରତ୍ ଆଏଶା ର.ଅ କହିଲେ ଯେ, ମୁଁ ଆଁହଜ଼ରତ୍ ସ.ଅଙ୍କ ଠାରୁ ଶୁଣିଛି ଯେ, ହୁଜୁର୍ ସ.ଅ କହୁଥିଲେ ଯେ, ଅବ୍ଦୁର୍ ରହମାନ୍ ବିନ୍ ଔଫ୍ ବୈକୁଣ୍ଠରେ ଆଣ୍ଠେଇ ଆଣ୍ଠେଇ ପ୍ରବେଶ କରିବେ । ଉମ୍ମୁଲ୍ ମୁମିନିନ୍ ହଜ଼ରତ୍ ଆଏଶା ର.ଅଙ୍କର ଏହି ବର୍ଣ୍ଣନାଟି ଯେତେବେଳେ ହଜ଼ରତ୍ ଅବ୍ଦୁର୍ ରହମାନ୍ ଔଫ୍ ର.ଅଙ୍କ ନିକଟରେ ପହଞ୍ଚିଲା ସେତେବେଳେ ସେ ହଜ଼ରତ୍ ଆଏଶା ର.ଅଙ୍କ ସେବାରେ ଉପସ୍ଥିତ ହେଲେ ଏବଂ କହିଲେ ହେ ମାତେ ! ମୁଁ ଆପଣଙ୍କୁ ସାକ୍ଷ୍ୟ ରଖି କହୁଛି, ଏହି ସମସ୍ତ ଶସ୍ୟ ଓ ଖାଦ୍ୟସାମଗ୍ରୀ, ସେହି ଓଟର ପାଲିଙ୍କି ସମେତ ମୁଁ ଅଲ୍ଲାଃତାଲାଙ୍କ ମାର୍ଗରେ ଏଇ ଉଦ୍ଦେଶ୍ୟର ଦାନ କରୁଅଛି ଯେ, ମୁଁ ବୈକୁଣ୍ଠରେ ଯେପରି ଚାଲିଚାଲି ପ୍ରବେଶ କରିବି । ଏକଦା ସେ ଗୋଟିଏ ଦିନରେ ୩୦, ୩୦ଜଣ କ୍ରୀତଦାସଙ୍କୁ ସ୍ୱାଧୀନ କରିଥିଲେ ।

ଏକଦା ସେ ନିଜର ୪୦୦୦ ଦିର୍ହମ୍ ବିଶିଷ୍ଟ ଧନ ଅଲ୍ଲାଃତାଲାଙ୍କ ମାର୍ଗରେ ଦାନ ଦେଇଥିଲେ । ପୁନଶ୍ଚ ଆଉଥରେ ସେ ୪୦,୦୦୦ ଦିରହମ୍ ଏବଂ ଆଉଥରେ ସେ ୪୦,୦୦୦ ଦିନାର ଅଲ୍ଲାଃତାଲାଙ୍କ ମାର୍ଗରେ ଦାନ ଦେଇଥିଲେ । ପୁନଶ୍ଚ ଏକଦା ସେ ୫୦୦ ଅଶ୍ୱ ଅଲ୍ଲାଃତାଲାଙ୍କ ମାର୍ଗରେ ଉତ୍ସର୍ଗ କରିଥିଲେ। ସେହିପରି ଦ୍ୱିତୀୟ ଥର ପାଇଁ ସେ ୫୦୦ ଓଟ ଅଲ୍ଲାଃତାଲାଙ୍କ ମାର୍ଗରେ ଉତ୍ସର୍ଗ କରିଥିଲେ । ତାଙ୍କ ପୁତ୍ର ଅବୁ ସଲ୍ମା ବର୍ଣ୍ଣନା କରନ୍ତି ଯେ, ମୋ ପିତାଶ୍ରୀ ଉମ୍ମୁହାତୁଲ୍ ମୁମିନିନ୍ଙ୍କ ନାଁରେ ଏକ ଉଦ୍ୟାନ ୱସିୟତ୍ କରିଥିଲେ । ଉକ୍ତ ଉଦ୍ୟାନର ମୂଲ୍ୟ ପ୍ରାୟ ୪,୦୦୦୦୦ (ଚାରି ଲକ୍ଷ) ଦିର୍ହମ୍ ଥିଲା । ହଜ଼ରତ୍ ଅବ୍ଦୁର୍ ରହମାନ୍ ବିନ୍ ଔଫ୍ ର.ଅ ୫୦,୦୦୦ ଦିନାର୍ ଅଲ୍ଲାଃତାଲାଙ୍କ ମାର୍ଗରେ ଦାନ କରିବା ପାଇଁ ୱସିୟତ୍ କରିଥିଲେ । ହଜ଼ରତ୍ ଅବ୍ଦୁର୍ ରହମାନ୍ ବିନ୍ ଔଫ୍ ର.ଅଙ୍କ ବିୟୋଗ ୩୧ କିମ୍ବା ୩୨ ହିଜ୍ରୀରେ ହୋଇଥିଲା । ସେ ୭୨ବର୍ଷ ପର୍ଯ୍ୟନ୍ତ ଜୀବିତ ଥିଲେ । ଅନ୍ୟ କେତେକଙ୍କ କହିବାନୁଯାୟୀ ସେ ୭୮ ବର୍ଷ ପର୍ଯ୍ୟନ୍ତ ଜୀବିତ ଥିଲେ ଏବଂ ଜନ୍ନତୁଲ୍ ବକ୍ଵି ଠାରେ ତାଙ୍କୁ କବର ଦିଆଯାଇଥିଲା । ହଜ଼ରତ୍ ଉସ୍ମାନ୍ ର.ଅ ତାଙ୍କର ନମାଜ୍ ଯନାଜ଼ାଃ ପଢେଇଥିଲେ ।

ପରବର୍ତ୍ତୀ ଚର୍ଚ୍ଚା ହଜ଼ରତ୍ ସାଆଦ୍ ବିନ୍ ମୁଆଜ୍ ର.ଅଙ୍କର କରିବି । ହଜ଼ରତ୍ ସାଆଦ୍ ବିନ୍ ମୁଆଜ୍ ର.ଅଙ୍କ ଗୋତ୍ର ଅନ୍ସାର୍ର ୱସ୍ ସଂପ୍ରଦାୟର ଶାଖା ବନୁ ଅବ୍ଦୁଲ୍ ଅଶ୍ହଲ୍ ସହିତ ଥିଲା ଏବଂ ୱସ୍ ସଂପ୍ରଦାୟରେ ସେ ଅଧିପତି ଥିଲେ । ହଜ଼ରତ୍ ସାଆଦ୍ ବିନ୍ ମୁଆଜ୍ ର.ଅ ହଜ଼ରତ୍ ମସ୍ଅବ୍ ବିନ୍ ଉମୈର୍ ର.ଅଙ୍କ ହସ୍ତରେ ଇସ୍ଲାମ୍ ଧର୍ମରେ ଦୀକ୍ଷିତ ହୋଇଥିଲେ । ହଜ଼ରତ୍ ମସ୍ଅବ୍ ବୈଅତରେ ଅକ୍ବା ସାନିୟା ପୂର୍ବରୁ ମଦିନା ଆସିଯାଇଥିଲେ ଏବଂ ଆଁହଜ଼ରତ୍ ସ.ଅଙ୍କ ଆଦେଶାନୁକ୍ରମେ ଲୋକମାନଙ୍କୁ ଇସ୍ଲାମ୍ ଆଡ଼କୁ ଆମନ୍ତ୍ରଣ କରୁଥିଲେ ଏବଂ ସେମାନଙ୍କୁ କୁର୍ଆନ୍ ପଢି ଶୁଣାଉଥିଲେ । ଯେତେବେଳେ ହଜ଼ରତ୍ ସାଆଦ୍ ବିନ୍ ମୁଆଜ୍ ର.ଅ ଇସ୍ଲାମ୍ ଧର୍ମରେ ଦୀକ୍ଷିତ ହେଲେ ସେତେବେଳେ ବନୁ ଅବ୍ଦୁଲ୍ ଅଶ୍ହଲ୍କୁ କହିଲେ ଯେ, ମୋ ପାଇଁ ତୁମର ମହିଳା ଓ ପୁରୁଷମାନଙ୍କ ସହିତ କଥାବାର୍ତ୍ତା କରିବା ନିଷିଦ୍ଧ କରାଯାଇଛି । କାରଣ ତୁମେମାନେ ଇସ୍ଲାମ୍ ଧର୍ମରେ ଦୀକ୍ଷିତ ହୋଇଛି । ଏହାପରେ ସାଆଦ୍ ର.ଅ ନିଜ ସଂପ୍ରଦାୟରେ ଇସ୍ଲାମ୍ର ନୀତିନିୟମ ସଂପର୍କରେ ଅବଗତ କରାଇଲେ । କୁହାଯାଏ ଯେ, ସେଦିନ ସୂର୍ଯ୍ୟ

ଅସ୍ତଗାମୀ ହୋଇନଥିଲା କି ସମଗ୍ର ଗୋଷ୍ଠୀ ସମୂହ  ଇସ୍‌ଲାମ୍ ଧର୍ମରେ ଦୀକ୍ଷିତ ହୋଇଗଲେ ଏବଂ ସାଆଦ୍ ବିନ୍ ମୁଆଜ୍ ର.ଅ ଓ ଉସୈଦ୍ ବିନ୍ ହୁଜୈର୍ ସ୍ୱହସ୍ତରେ ନିଜ ଆରାଧ୍ୟ ଦେବତାମାନଙ୍କର ପିତ୍ତୁଳାଗୁଡ଼ିକୁ ବାହାର କରି ଭାଙ୍ଗି ପକାଇଲେ ।

ସାଆଦ୍ ବିନ୍ ମୁଆଜ୍ ଓ ଉସୈଦ୍ ବିନ୍ ହୁଜୈର୍ ର.ଅ ଦୁହେଁ ଉଚ୍ଚ କୋଟିର ସାହାବାମାନଙ୍କ ମଧ୍ୟରୁ ଅନ୍ୟତମ ଏବଂ ଅନ୍‌ସାର୍‌ଙ୍କ ନିକଟରେ ତାଙ୍କର ଉଚ୍ଚ ମର୍ଯ୍ୟାଦା ରହିଥିଲା । ସେ ଅତ୍ୟନ୍ତ ନୈଷ୍ଠିକ ଯୁବକ, ଜଣେ ବିଶ୍ୱସ୍ତ ଏବଂ ଇସ୍‌ଲାମ୍ ତଥା ଇସ୍‌ଲାମ୍‌ର ସଂସ୍ଥାପକ ପ୍ରତି ଆତ୍ମୋତ୍ସର୍ଗୀ ଯୁବକ ଥିଲେ । ତାଙ୍କର ଯୁବାବସ୍ଥାରେ ଆକାଳ ବିୟୋଗରେ ଆଁହଜ଼ରତ୍ ସ.ଅ ଏହି କଥନ ଯେ, ସାଆଦ୍ ର.ଅଙ୍କ ବିୟୋଗରେ ରହ୍‌ମାନ୍‌ଙ୍କ ପ୍ରାସାଦ ମଧ୍ୟ ଆନ୍ଦୋଳିତ ହୋଇଗଲା । ଏହି ଉକ୍ତି ତାଙ୍କ ସତ୍ୟବାଦୀତାର ପ୍ରମାଣ ନିମନ୍ତେ ଯଥେଷ୍ଟ ।

ସିରତ୍ ଖାତମୁନ୍ ନବୀୟିନ୍‌ରେ ହଜ଼ରତ୍ ମିର୍ଜ଼ା ବଶୀର୍ ଅମହମଦ୍ ସାହେବ୍ ଅଧିକନ୍ତୁ ଉଲ୍ଲେଖ କରିଛନ୍ତି ଯେ, ମଦିନା ଆସିବାକୁ ଆଁହଜ଼ରତ୍ ସ.ଅଙ୍କୁ ବର୍ତ୍ତମାନ ଅଧିକ ସମୟ ହୋଇ ନଥିଲା କି ମକ୍କାର କୁରୈଶମାନଙ୍କ ଆଡୁ ଖଜ଼ରଜ୍ ସଂପ୍ରଦାୟର ଧନାଢ୍ୟ ବ୍ୟକ୍ତି ଅବଦୁଲ୍ଲାଃ ବିନ୍ ସୁଲୁଲ୍ ଓ ତାହାର ଅବିଶ୍ୱାସକାରୀ ସାଥିମାନଙ୍କ ନାଁରେ ମକ୍କାବାସୀଙ୍କ ଆଡୁ ଏକ ସାବଧାନତାମୂଳକ ପତ୍ର ଆସିଲା ଯେ, ତୁମେମାନେ ମୁହମ୍ମଦ୍ ସ.ଅଙ୍କୁ ଶରଣ ଦିଅ ନାହିଁ, ଅନ୍ୟଥା ତୁମର କିଛି ଭଲ ହେବ ନାହିଁ । ଯେତେବେଳେ ମଦିନାରେ ଉକ୍ତ ପତ୍ରଟି ପହଞ୍ଚିଲା ସେତେବେଳେ ଅବଦୁଲ୍ଲାଃ ଓ ତା'ର ସାଥିମାନେ ଯେଉଁମାନେ କି ପୂର୍ବରୁ ହିଁ ମନ ଭିତରେ ଇସଲାମ୍‌ର ଘୋର ଶତ୍ରୁ ଥିଲେ ଏବଂ ସେମାନଙ୍କ ମନ ଭିତରେ ଆଁହଜ଼ରତ୍ ଓ ଇସଲାମ୍ ପ୍ରତି ବୈରାଗ ତଥା ବିଦ୍ୱେଷାଭାବ ସ୍ଫୁଲିତ ହେଉଥିଲା । ସେମାନେ ଆଁହଜ଼ରତ୍ ସ.ଅଙ୍କ ସହିତ ଯୁଦ୍ଧ କରିବା ପାଇଁ ପ୍ରସ୍ତୁତ ହୋଇଗଲେ । ଆଁହଜ଼ରତ୍ ସ.ଅ ଶୀଘ୍ର ସେହି ଲୋକମାନଙ୍କୁ ସାକ୍ଷାତ୍ କଲେ ଏବଂ ସେମାନଙ୍କୁ ବୁଝାଇଲେ ବସ୍ତୁତଃ ସେମାନେ ଉକ୍ତ ଉଦ୍ଦେଶ୍ୟକୁ ପରିତ୍ୟାଗ କଲେ । ଯେତେବେଳେ କୁରୈଶମାନେ ନିଜ ଉଦ୍ଦେଶ୍ୟରେ ବିଫଳ ହେଲେ ସେତେବେଳେ ସେମାନେ କିଛି ଅବଧି ପରେ ସେହିଭଳି ଆଉ ଏକ ପତ୍ର ମଦିନାର ଇହୁଦୀମାନଙ୍କ ଉଦ୍ଦେଶ୍ୟରେ ମଧ୍ୟ ପ୍ରେରଣ କରିଥିଲେ । ସେ ଯାହାହେଉ ନା କାହିଁକି ମକ୍କାର କୁରୈଶମାନଙ୍କର ଉକ୍ତ ପତ୍ର ସେମାନଙ୍କର କୌଣସି ଅସ୍ଥାୟୀ ଆବେଗର ପରିଣତି ନଥିଲା ବରଂ ସାର୍ବକାଳିକ ରୂପେ ସେମାନେ ଏହା ଦୃଢ ସଂକଳ୍ପ କରି ନେଇଥିଲେ ଯେ, ସେମାନେ ମୁସଲମାନମାନଙ୍କୁ ଶାନ୍ତିରେ ରହିବାକୁ ଦେବେ ନାହିଁ ଏବଂ ଇସଲାମ୍‌କୁ ପୃଥିବୀରୁ ନିଶ୍ଚିହ୍ନ କରି ବିଶ୍ରାମ ନେବେ ।

ସୁତରାଂ ହଜ଼ରତ୍ ମିର୍ଜ଼ା ବଶୀର୍ ଅହମଦ୍ ସାହେବ୍ ନିଜ ପୁସ୍ତକରେ ଏକ ଐତିହାସିକ ଘଟଣା ସଂପର୍କରେ ଉଲ୍ଲେଖ କରିଛନ୍ତି ଯେଉଁଥିରୁ ମକ୍କାବାସୀଙ୍କ ରକ୍ତ ପିପାସୁ ଉଦ୍ଦେଶ୍ୟର ସ୍ପଷ୍ଟ ଆଭାସ ମିଳେ । ଉକ୍ତ ଐତିହାସିକ ଘଟଣାଟି ବୁଖାରୀରେ ଏହିପରି ବର୍ଣ୍ଣିତ ହୋଇଛି କି ହଜ଼ରତ୍ ମୁସ୍‌ଲେହ୍ ମଉଦ୍ ର.ଅ କହନ୍ତି ଯେ, ମଦିନାର ଜଣେ ଧନାଢ୍ୟ ବ୍ୟକ୍ତି ସାଆଦ୍ ବିନ୍ ମୁଆଜ୍ ର.ଅ ଯିଏକି ୱସ୍ ସଂପ୍ରଦାୟର ଅଧିପତି ଥିଲା ସେ ଖାନା କାଆବାର ପ୍ରଦକ୍ଷିଣ କରିବା ପାଇଁ ମକ୍କା ଗଲେ, ତେବେ ଅବୁ ଜହଲ୍ ତାଙ୍କୁ ଦେଖି କ୍ରୋଧରେ କହିଲା କ'ଣ ତୁମେମାନେ ଏହା ଭାବୁଛ ଯେ, ତୁମେମାନେ ଏହି ଧର୍ମଭ୍ରଷ୍ଟ ବ୍ୟକ୍ତି

ମୁହମ୍ମଦ୍ ସ.ଅଙ୍କୁ ଶରଣ ଦେବା ପରେ ତୁମେମାନେ ଶାନ୍ତିପୂର୍ଣ୍ଣ ଭାବରେ କାଆବାର ପ୍ରଦକ୍ଷିଣ କରିପାରିବ ଏବଂ ତୁମେମାନେ ଏହା ଭାବୁଛ ଯେ, ତୁମେମାନେ ତାଙ୍କୁ ସୁରକ୍ଷା ଦେଇ ଓ ତାଙ୍କୁ ସାହାଯ୍ୟ କରିବାର ସାମର୍ଥ୍ୟ ବହନ କରିପାରିବ । ମୁଁ ଈଶ୍ୱରଙ୍କ ଶପଥ କରି କହୁଛି ଯେ, ବର୍ତ୍ତମାନ ଯଦି ତୁମ ସହିତ ଅବୁ ସୁଫିୟାନ୍ ନ ଥାଆନ୍ତେ ତାହାହେଲେ ତୁମେ ନିଜ ଘରେ ଜୀବିତ ଯାଇପାରି ନ ଥାଆନ୍ତ । ସାଆଦ୍ ବିନ୍ ମୁଆଜ୍ କହିଲେ ମୁଁ ଅଲ୍ଲାଃତାଲାଙ୍କର ଶପଥ କରି କହୁଛି ଯେ, ଯଦି ତୁମେ ଆମମାନଙ୍କୁ କାଆବାର ପ୍ରଦକ୍ଷିଣ କରିବାରୁ ଅଟକାଇଲ ତାହାହେଲେ ତୁମେ ମନେରଖ ଯେ, ତୁମେ ମଧ୍ୟ ସିରିୟା ମାର୍ଗରେ ଶାନ୍ତିପୂର୍ଣ୍ଣ ଭାବରେ ଯାତାୟତ କରିପାରିବ ନାହିଁ ।

ହଜ଼ରତ୍ ସାଆଦ୍ ବିନ୍ ମୁଆଜ୍ ବଦର୍ ଯୁଦ୍ଧ, ଓହୋଦ୍ ଯୁଦ୍ଧ ଏବଂ ଖନ୍ଦକ୍ ଯୁଦ୍ଧରେ ରସୁଲୁଲ୍ଲାଃ ସ.ଅଙ୍କ ସହିତ ସାମିଲ ହୋଇଥିଲେ । ବଦର୍ ଯୁଦ୍ଧ ଦିନ ଓସ୍ ସଂପ୍ରଦାୟର ଧ୍ୱଜା ହଜ଼ରତ୍ ସାଆଦ୍ ବିନ୍ ମୁଆଜ୍ ର.ଅଙ୍କ ପାଖରେ ଥିଲା । ବଦର୍ ଯୁଦ୍ଧ ଅବସରରେ ହଜ଼ରତ୍ ସାଆଦ୍ ବିନ୍ ମୁଆଜ୍ ର.ଅଙ୍କ ଉତ୍ସାହ ଏବଂ ଆବେଗ ତଥା ଆଁହଜ଼ରତ୍ ସ.ଅଙ୍କ ସହିତ ପ୍ରେମ ଓ ଉତ୍ସର୍ଗୀକୃତ ଭାବାବେଗର ପରିପ୍ରକାଶ ଉପରୋକ୍ତ ଘଟଣାରୁ ଅନୁମିତ ହୋଇପାରିବ । ଆଁହଜ଼ରତ୍ ସ.ଅ ସମସ୍ତ ସାହାବାମାନଙ୍କୁ ଏକତ୍ରିତ କଲେ ଏବଂ ଉକ୍ତ ସମ୍ବାଦର ସୂଚନା ଦେଲେ ଏବଂ ସେମାନଙ୍କ ଠାରୁ ପରାମର୍ଶ ଲୋଡ଼ିଲେ ଯେ, ବର୍ତ୍ତମାନ ପରିସ୍ଥିତିର କ'ଣ କରିବା ଉଚିତ୍ ହେବ ! କେତେକ ସାହାବାମାନେ କହିଲେ ଯେ, ହେ ରସୁଲୁଲ୍ଲାଃ ! ବାହ୍ୟିକ ପରିସ୍ଥିତିକୁ ଦେଖି ଏହା ଉଚିତ୍ ମନେ ହେଉଛି ଯେ, କୁରୈଶ୍‌ର ବ୍ୟବସାୟୀ ଦଳ ସହିତ ମୁହାଁମୁହିଁ ହେବା ଉଚିତ୍ । କାରଣ ସୈନ୍ୟଦଳର ମୁକାବିଲା ନିମନ୍ତେ ଆମେମାନେ ମଧ୍ୟ ସଂପୂର୍ଣ୍ଣ ରୂପେ ପ୍ରସ୍ତୁତ ନାହୁଁ। କିନ୍ତୁ ହୁଜୁର୍ ସ.ଅ ଉକ୍ତ ପରାମର୍ଶକୁ ପସନ୍ଦ କଲେ ନାହିଁ । ଅନ୍ୟ ପଟରେ ବଡ଼ ବଡ଼ ସାହାବାମାନେ ଯେତେବେଳେ ଏହି ପରାମର୍ଶ ଶୁଣିଲେ ସେତେବେଳେ ସେମାନେ ଛିଡ଼ା ହୋଇ ଆତ୍ମ ଉତ୍ସର୍ଗମୂଳକ ଭାଷଣ ଦେଲେ ଏବଂ କହିଲେ ଯେ, ଆମର ଧନ ଓ ଜୀବନ ସବୁ କିଛି ଅଲ୍ଲାଃତାଲାଙ୍କର । ଆମେମାନେ ପ୍ରତ୍ୟେକ ଯୁଦ୍ଧ ଭୂମିରେ ଏବଂ ପ୍ରତ୍ୟେକ ସେବା ପାଇଁ ପ୍ରସ୍ତୁତ ଏବଂ ଉପସ୍ଥିତ ଅଛୁ । ସୁତରାଂ ମିକ୍‌ଦାଦ୍ ବିନ୍ ଅସ୍‌ଓଦ୍ ଯାହାଙ୍କର ଅନ୍ୟ ନାମ ମିକ୍‌ଦାଦ୍ ବିନ୍ ଅମ୍ର ଥିଲା କହିଲେ, ହେ ରସୁଲୁଲ୍ଲାଃ ସ.ଅ ! ଆମେ ମୁସା ଅ.ସଙ୍କ ଅନୁଗାମୀଙ୍କ ପରି ନାହୁଁ ଯେ, ଆମେମାନେ ଆପଣଙ୍କୁ କହିବୁ ଯାଅ ତୁମେ ଓ ତୁମ ଭଗବାନ ଯାଇ ଶତ୍ରୁ ସହିତ ଲଢ । ଆମେମାନେ ଏଠାରେ ବସିଛୁ । ବରଂ ଆମେ ଏହା କହୁଛୁ କି ଆପଣ ଆମମାନଙ୍କୁ ଯୁଆଡ଼େ ଚାହୁଁଛନ୍ତି ସେହି ଆଡ଼େ ନେଇ ଯାଆନ୍ତୁ । ଆମେମାନେ ଆପଣଙ୍କ ସହିତ ଯିବାକୁ ପ୍ରସ୍ତୁତ ଅଛୁ ଏବଂ ଆମେମାନେ ଆପଣଙ୍କର ବାମ ପାର୍ଶ୍ୱରେ ଓ ଦକ୍ଷିଣ ପାର୍ଶ୍ୱରେ, ଆଗରେ ଏବଂ ପଛରେ ଲଢିବୁ । ଯେତେବେଳେ ଆଁହଜ଼ରତ୍ ଏହି ଦମ୍ଭିଲା ଭାଷଣ ଶୁଣିଲେ ସେତେବେଳେ ହୁଜୁର୍ ସ.ଅଙ୍କ ପବିତ୍ର ମୁଖମଣ୍ଡଳ ଆନନ୍ଦରେ ପୁଲକିତ ହୋଇ ଉଠିଲା। କିନ୍ତୁ ଉକ୍ତ ଅବସରରେ ମଧ୍ୟ ଆଁହଜ଼ରତ୍ ସ.ଅ ଅନ୍‌ସାରଙ୍କ ପକ୍ଷରୁ ଉତ୍ତରର ଅପେକ୍ଷରତ ଥିଲେ କି କୌଣସି ଅନ୍‌ସାର୍ ଅଧିପତି ମଧ୍ୟ ଏହିପରି କିଛି ଉକ୍ତି କୁହନ୍ତୁ । କାରଣ ଆଁହଜ଼ରତ୍ ସ.ଅଙ୍କ ଏହି ଚିନ୍ତାଧାରା ଥିଲା ଯେ, ବୋଧ ହୁଏ ଅନ୍‌ସାର୍‌ମାନେ ଏହା ଭାବୁଥିବେ ଯେ, ବୈଅତେ ଅକ୍‌ବା ସର୍ତ୍ତାନୁଯାୟୀ ଆମମାନଙ୍କର କର୍ତ୍ତବ୍ୟ କେବଳ ଏତିକି ଯେ, ଯଦି ମଦିନା ଉପରେ କୌଣସି ଆକ୍ରମଣ ହୁଏ, ତାହାହେଲେ ଆମେମାନେ ମଦିନାର ପ୍ରତିରକ୍ଷା କରିବୁ ।

ଅତଏବ୍ ସାହାବାମାନଙ୍କର ଏହିଭଳି ସାହସିକତାମୂଳକ ତଥା ଆତ୍ମଉତ୍ସର୍ଗମୂଳକ ଭାଷଣ ସତ୍ତ୍ୱେ ହୁଜ଼ୁର୍ ସ.ଅ ଏହା କହି ଚାଲିଲେ ଯେ, ଆଚ୍ଛା ତାହାହେଲେ ତୁମେମାନେ ମୋତେ ପରାମର୍ଶ ଦିଅ ଯେ, ବର୍ତ୍ତମାନ କ'ଣ କରିବା ସଠିକ୍ ହେବ । ସାଆଦ୍ ବିନ୍ ମୁଆଜ଼୍ ଯିଏକି ଓସ୍ ସଂପ୍ରଦାୟର ଧନାଢ୍ୟ ବ୍ୟକ୍ତି ଥିଲେ ସେ ଆଁହଜ଼ରତ୍ ସ.ଅଙ୍କର ଉଦ୍ଦେଶ୍ୟକୁ ହୃଦୟଙ୍ଗମ କଲେ ଏବଂ ଅନ୍‌ସାର୍‌ମାନଙ୍କ ତରଫରୁ କହିଲେ ଯେ, ହେ ରସୁଲୁଲ୍ଲାଃ ସ.ଅ ବୋଧ ହୁଏ ଆପଣ ଆମମାନଙ୍କର ମତାମତ ଜାଣିବାକୁ ଚାହୁଁଛନ୍ତି । ଆମେ ଈଶ୍ୱରଙ୍କ ଶପଥ କରି କହୁଛି ଯେ, ଆମେମାନେ ଯେତେବେଳେ ଆପଣ ସ.ଅଙ୍କୁ ସତ୍ୟ ବୋଲି ମନେକରି ଆପଣଙ୍କ ଉପରେ ବିଶ୍ୱାସ ଆଣିଛୁ ଏବଂ ଆମେମାନେ ନିଜର ହାତ ଆପଣଙ୍କ ହାତରେ ଦେଇ ଦେଇଛୁ ସେତେବେଳେ ଆପଣ ଯେଉଁଆଡ଼େ ଚାହିଁବେ ଚାଲନ୍ତୁ ଆମେମାନେ ଆପଣଙ୍କ ସହିତ ଅଛି ଏବଂ ସେହି ସତ୍ତାଙ୍କର ଶପଥ କରି କହୁଛୁ ଯିଏ ଆପଣ ସ.ଅଙ୍କୁ ସତ୍ୟବାନ ବ୍ୟକ୍ତି ରୂପେ ପ୍ରେରଣ କରିଛନ୍ତି, ଯଦି ଆପଣ ଆମମାନଙ୍କୁ ସମୁଦ୍ର ଗର୍ଭରେ ଲମ୍ଫ ମାରିବାକୁ କହିବେ ତେବେ ଆମେମାନେ ଡ଼େଇଁ ପଡ଼ିବୁ ଏବଂ ଆମମାନଙ୍କ ମଧ୍ୟରୁ ଜଣେ ବି ପଛଘୁଞ୍ଚା ଦେବ ନାହିଁ ଏବଂ ଆପଣ ଇନ୍‌ଶାଅଲ୍ଲାଃ ଆମ ସମସ୍ତଙ୍କୁ ଯୁଦ୍ଧରେ ଧୈର୍ଯ୍ୟ ପ୍ରଦର୍ଶନ କରୁଥିବାର ଦେଖିବାକୁ ପାଇବେ ତଥା ହୁଜ଼ୁର୍ ତାହା ଦେଖିବାକୁ ପାଇବେ ଯାହାକି ହୁଜ଼ୁର୍ ସ.ଅଙ୍କର ଚକ୍ଷୁକୁ ଶୀତଳତା ପ୍ରଦାନ କରିବ । ଯେତେବେଳେ ହୁଜ଼ୁର୍ ସ.ଅ ଉକ୍ତ ଭାଷଣଟି ଶୁଣିଲେ ସେତେବେଳେ ହୁଜ଼ୁର୍ ସ.ଅ ଅତ୍ୟନ୍ତ ପ୍ରସନ୍ନ ହେଲେ ଏବଂ କହିଲେ ଅଲ୍ଲାଃତାଲାଙ୍କର ନାମ ଧରି ଆଗକୁ ଆଗ ଅଗ୍ରସର ହୋଇଚାଲ । କାରଣ ଅଲ୍ଲାଃତାଲା ମୋତେ ଏହି ପ୍ରତିଶୃତି ଦେଇଛନ୍ତି ଯେ, ଅବିଶ୍ୱାସକାରୀଙ୍କ ସେହି ଦୁଇ ଗୋଷ୍ଠୀଙ୍କୁ ଅର୍ଥାତ୍ ସୈନ୍ୟଦଳ ଏବଂ ବ୍ୟବସାୟୀ ଦଳ ମଧ୍ୟରୁ କୌଣସି ଗୋଟିଏ ଦଳ ଉପରେ ନିଶ୍ଚୟ ଆମମାନଙ୍କୁ ବିଜୟ ପ୍ରଦାନ କରିବେ ଏବଂ ଈଶ୍ୱରଙ୍କ ଶପଥ କରି କହୁଛି ଯେ, ବର୍ତ୍ତମାନ ମୁଁ ସେହି ସ୍ଥାନ ଦେଖୁଅଛି ଯେଉଁଠି ଶତ୍ରୁପକ୍ଷର ଲୋକମାନେ ନିହତ ହୋଇ ପଡ଼ିବେ । ପରିଶେଷରେ ତାହା ହିଁ ଘଟିଥିଲା ।

ହୁଜ଼ୁର୍ ଅନୱର୍ ଅ.ବ କହିଲେ; ସେ ଯାହା ହେଉ ନା କାହିଁକି ବର୍ତ୍ତମାନ ସେହି ସାହାବାଙ୍କର ଚର୍ଚ୍ଚା ଚାଲିଛି । ତାଙ୍କ ଜୀବନୀର ଅବଶିଷ୍ଟାଂଶ ଇନ୍‌ଶାଅଲ୍ଲାଃ ଆଗାମୀ ଖୁତ୍‌ବାରେ ବର୍ଣ୍ଣନା ହେବ ।

........................................

KHULASA KHUTBA JUMA HUZOOR ANWAR a.b.a
26th June 2020

..........................